ଧରିତ୍ରୀ
DHARITRI
June 14-20, 2020 ₹ 2/-

ଛୁଟିଦିନ

# ଦୂରତାରେ ସୁରକ୍ଷା





ଆଜି ମହାମାରୀ କବଳରେ ସାରା ପୃଥିବୀ।
ଆଉ ଏହାର ପଞ୍ଝାରୁ ମୁକୁଳିବାର ଏକମାତ୍ର ଉପାୟ
ସାମାଜିକ ଦୂରତା। ସେଥିପାଇଁ ତ କିଛି ଦିନ ପାଇଁ
ମଣିଷ ଭଳି ସାମାଜିକ ପ୍ରାଣୀକୁ ରହିବାକୁ ହେବ ଦୂରେ
ଦୂରେ। କାରଣ ଏବେ ଦୂରତାରେ ହିଁ ଅଛି ସୁରକ୍ଷା...

୩ ପ୍ରଚ୍ଛଦ ପ୍ରସଙ୍ଗ



୮ ବ୍ୟାକ୍ ପେଜ୍

ସିନେମା ୫



# ଦୂରତାରେ ସୁରକ୍ଷା







**ଆଜି ମହାମାରୀ କବଳରେ ସାରା ପୃଥିବୀ। ଆଉ ଏହାର ପଞ୍ଝାରୁ ମୁକୁଳିବାର ଏକମାତ୍ର ଉପାୟ ସାମାଜିକ ଦୂରତା। ସେଥିପାଇଁ ତ କିଛି ଦିନ ପାଇଁ ମଣିଷ ଭଳି ସାମାଜିକ ପ୍ରାଣୀକୁ ରହିବାକୁ ହେବ ଦୂରେ ଦୂରେ। କାରଣ ଏବେ ଦୂରତାରେ ହିଁ ଅଛି ସୁରକ୍ଷା...**

**କେରଳରେ ଅମ୍ବ୍ରେଲା ଥିଓରି:** ଲକ୍‌ଡାଉନ୍ କୋହଳ ହେବା ପରେ ଲୋକେ ନିଜର ଆର୍ଥିକ ସ୍ଥିତିକୁ ସୁଧାରିବା ସହ ଜୀବନକୁ ସ୍ୱାଭାବିକ କରିବା ପାଇଁ ପାଦ ବାହାରକୁ ବାହାର କରିଛନ୍ତି। ହେଲେ ମନରେ ରହିଛି ଭୟ। ତେବେ ଏବେବି କିଛି ଲୋକ ଅଛନ୍ତି, ଯେଉଁମାନେ ନା ମାନୁଛନ୍ତି ସାମାଜିକ ଦୂରତ୍ୱର କଟକଣା ନା ପିନ୍ଧୁଛନ୍ତି ମାସ୍କ। ତେଣୁ ବଢିଯାଉଛି ମହାମାରୀ ସଂକ୍ରମଣର ଭୟ। ଏହି ସମସ୍ୟାକୁ ଦୂର କରିବା ଲାଗି କେରଳର ଅଲପୁଝା ଜିଲାସ୍ଥ ଥାନିରମୁକୋମ ଗ୍ରାମପଞ୍ଚାୟତରେ ଆପଣାଯାଇଛି ଏକ ନିଆରା ଉପାୟ। ଏଠାରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତି ବାହାରକୁ ବାହାରିବା ମାତ୍ରେ ଛତା ଖୋଲି ଯିବାକୁ ବାଧ୍ୟତାମୂଳକ କରାଯାଇଛି। ଷ୍ଟେଟ୍ ଫାଇନାନ୍ସ ମିନିଷ୍ଟର ଥୋମାସ୍ ଆଇଜାକ କହନ୍ତି, 'ସ୍ପର୍ଶ କରୁ ନ ଥିବା ଦୁଇଟି ଖୋଲା ଛତା ପାଖାପାଖି ୧ ମିଟର ଦୂରତା ବଜାୟ ରଖିଥାଏ। ତେଣୁ ଏହି ଅମ୍ବ୍ରେଲା ପ୍ରୋଜେକ୍ଟ ଆରମ୍ଭ କରାଗଲା। ଆଉ ଏହାକୁ ସଫଳ କରିବା ପାଇଁ ୧୦,୦୦୦ ଛତା ବଣ୍ଟାଯାଇଛି। କେବଳ ସେତିକି ନୁହେଁ 'ବ୍ରେକ୍ ଦ ଚେନ୍' ବା କରୋନାର ବର୍ଦ୍ଧିତ ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଛତା ସବ୍‌ସିଡାଇଜ୍‌ଡ ମୂଲ୍ୟରେ ବି ଦିଆଯାଉଛି। ଆଉ ଯେଉଁମାନେ ଏହି ମୂଲ୍ୟରେ ବି କିଣିପାରିବେ ନାହିଁ ତାଙ୍କୁ ସ୍ପୋନସରଶିପ୍ ମାଧ୍ୟମରେ ଯୋଗାଇ ଦିଆଯିବ।' ସାଧାରଣତଃ ମଦ ଦୋକାନରେ ହେଉଥିବା ଭିଡରେ ସାମାଜିକ ଦୂରତା ଆଦୌ ପରିଲକ୍ଷିତ ହୁଏ ନାହିଁ। ତେଣୁ ଏଠାକାର ଏକ୍ସାଇଜ୍ ଡିପାର୍ଟମେଣ୍ଟ ଓ ସ୍ଥାନୀୟ ପୋଲିସ୍ ମଧ୍ୟ ଏହି 'ଅମ୍ବ୍ରେଲା ଥିଓରି' ଆପଣେଇଛନ୍ତି। ନିୟମ କରାଯାଇଛି ଯେ, ଯେଉଁମାନେ ଛତା ଧରି ଲାଇନ୍‌ରେ ନ ଥିବେ ତାଙ୍କୁ ମଦ ବିକା ଯିବା ନାହିଁ। ଏହାବାଦ ଏଠାକାର ଗ୍ରସେରୀ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ବିକ୍ରି ହେଉଥିବା ଦୋକାନରେ ବି ଏହି ନିୟମ ଧୀରେ ଧୀରେ ଲାଗୁ କରାଯାଉଛି।

**ରୋବୋ ଡଗ୍:** ସିଙ୍ଗାପୁରର ବିଶାନ୍-ଅଙ୍ଗ ମୋହ କିଓ ପାର୍କରେ ଏବେ ଦେଖିବାକୁ ମିଳୁଛି ଏକ ଅଜବ ଦୃଶ୍ୟ। ଏକ ରୋବୋ ଡଗ୍ ଦେଉଛି ପହରା। ତା' ଶରୀରରେ ଖଚିତ ଲାଉଡ୍ ସ୍ପିକର୍ ସାହାଯ୍ୟରେ ସେ ଲୋକଙ୍କୁ ବାରମ୍ବାର ସାମାଜିକ ଦୂରତା ବଜାୟ ରଖିବାକୁ ଚେତାଉଛି। ଏହି ରୋବୋ ଡଗ୍‌ର ନାମ ହେଉଛି 'ସ୍ପଟ୍'। ଏହାକୁ ଆମେରିକୀୟ କମ୍ପାନୀ 'ବୋଷ୍ଟନ୍ ଡାୟନାମିକ' ତିଆରି କରିଛି। ଏଥିରେ ଏକ କ୍ୟାମେରା ରହିଛି, ଯେଉଁଥିରେ ଉକ୍ତ ରୋବୋ ଡଗ୍ ଲୋକଙ୍କ ଆତଯାତର ଗତିବିଧିକୁ ଲକ୍ଷ୍ୟ କରିବା ସହ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଲୋକଙ୍କୁ ଲାଉଡ ସ୍ପିକର୍ ମାଧ୍ୟମରେ ଚେତାଇଥାଏ। ଏହି ରୋବୋ ଡଗ୍ ବୋଷ୍ଟନ୍‌ର 'ବ୍ରିଙ୍ଗହାମ୍ ଆଣ୍ଡ ଓମେନ୍ସ ହସ୍ପିଟାଲ୍'ରେ କୋଭିଡ୍ ୧୯ ପାଇଁ ଲୋକଙ୍କର ସ୍କ୍ରିନିଂ ବି କରୁଛି।

**ପୁଲ୍- ନୁଡଲ୍ ଫ୍ଲୋଟ୍ ହ୍ୟାଟ୍:** ଲକ୍ ଡାଉନ୍ ନିୟମ ସାମାନ୍ୟ କୋହଳ ହେବା ପରେ ପୃଥିବୀର ଅନେକ ସ୍ଥାନରେ ରେଷ୍ଟୁରାଣ୍ଟ ଖୋଲାଯାଇଛି। ତେବେ କିଛି ରେଷ୍ଟୁରାଣ୍ଟରେ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବା ପାଇଁ ନାନା ଅଜବ ଉପାୟ ଆପଣାଯାଉଥିବା ଦେଖାଯାଉଛି। ଠିକ୍ ଯେମିତି ଜର୍ମାନୀ, ସ୍ୱେରିନ୍‌ର ଏକ କାଫେରେ ଗ୍ରାହକଙ୍କୁ ପିନ୍ଧିବାକୁ ଦିଆଯାଉଛି ଏକ ସ୍ୱତନ୍ତ୍ର ହ୍ୟାଟ୍, ଯେଉଁଥିରେ ଫ୍ୟାନ୍‌ର ପଙ୍ଖା ପରି ଲଗାଯାଇଛି ସୁଇମିଂ ପୁଲ୍ ନୁଡଲ୍ ଫ୍ଲୋଟ୍‌କୁ। ଫ୍ଲୋଟ୍‌ର ଲମ୍ବ ୧.୫ ମିଟର ଥାଏ। ଫଳରେ ଗ୍ରାହକ ଏହାକୁ ପିନ୍ଧି ଏକ ସୁରକ୍ଷିତ ଦୂରତାରେ ବସି କଫିର ମଜା ନେଉଛନ୍ତି। କାଫେର ମାଲିକ ଜାକଲିନ୍ ରୋଥ୍ କହନ୍ତି, 'ପୂର୍ବରୁ ମୋ କାଫେ ଭିତରେ ୩୬ଟି ଟେବୁଲ ଓ ବାହାରେ ୨୦ଟି ଟେବୁଲ ଥିଲା। କିନ୍ତୁ ଏହି ହ୍ୟାଟ୍ ପିନ୍ଧାଇ ଗ୍ରାହକଙ୍କୁ ବସାଉଥିବାରୁ ଏବେ କାଫେ ଭିତରେ ୧୨ଟି ଓ ବାହାରେ ୮ଟି ଟେବୁଲ ଅଛି।' ଉକ୍ତ କାଫେ ମାଲିକଙ୍କ ଏହି ପଦକ୍ଷେପ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

**ପାଣ୍ଡା ସାଜିଛନ୍ତି ଖାଇବା ସମୟର ସାଥୀ:** ଥାଇଲାଣ୍ଡ, ବ୍ୟାଙ୍କକ୍‌ର ଏକ ରେଷ୍ଟୁରାଣ୍ଟରେ ଗ୍ରାହକଙ୍କୁ ଏକାକୀ ଅନୁଭବ ନ ହେବା ପାଇଁ ସାମ୍ନା ଟେବୁଲ୍‌ରେ ରଖାଯାଉଛି ପାଣ୍ଡା ସଫ୍ଟ ଟୟ। କ୍ୟୁଟ୍ ପାଣ୍ଡା କଣ୍ଢେଇଙ୍କୁ ଏଠାରେ ଖାଇବା ସମୟର ପାର୍ଟନର୍ ସଜାଇ ଗ୍ରାହକଙ୍କୁ ଏକଲା ଅନୁଭବ କରିବାକୁ ଦିଆଯାଉ ନାହିଁ। ଉକ୍ତ ରେଷ୍ଟୁରାଣ୍ଟର ନାଁ ହେଉଛି 'ମାଇସନ୍ ସାଇଗନ୍'। ରେଷ୍ଟୁରାଣ୍ଟର ମାଲିକ କହନ୍ତି, 'ରେଷ୍ଟୁରାଣ୍ଟ ଖୋଲିବା ପରେ ସାମାଜିକ ଦୂରତା ବଜାୟ ରଖିବା ପାଇଁ ଆମେ ଗୋଟିଏ ଟେବୁଲରେ ଗୋଟିଏ ଚେୟାର ରଖିଥିଲୁ। କିନ୍ତୁ ବହୁତ ଖାଲି ଖାଲି ଅନୁଭବ କଲୁ। ତେଣୁ ଗ୍ରାହକଙ୍କ ସାମ୍ନା ଚେୟାର୍‌ରେ ଆମେ ପାଣ୍ଡା ସଫ୍ଟ ଟୟ ରଖିଲୁ, ଯାହାକି ସେମାନଙ୍କୁ କମ୍ପାନୀ ଦେବ। ଏବେ ଗ୍ରାହକମାନେ ବି ପାଣ୍ଡାଙ୍କ ସହ ଖାଇବାର ବେଶ୍ ମଜା ଉଠାଉଛନ୍ତି।' ଏଠାକାର କିଛି ରେଷ୍ଟୁରାଣ୍ଟର ଟେବୁଲକୁ ଟ୍ରାନ୍ସପରେଣ୍ଟ ପାର୍ଟିସନ୍ ବି କରାଯାଇଛି।

**ଛୋଟିଆ କାଚଗୃହର ବ୍ୟବସ୍ଥା:** ଆମଷ୍ଟରଡାମ୍‌ରେ 'ମିଡିଆମାଟିକ୍' ନାମକ ଏକ ଭେଗାନ୍ ରେଷ୍ଟୁରାଣ୍ଟ ଅଛି। ଏଠାରେ ଗ୍ରାହକଙ୍କ ପାଇଁ ତିଆରି ହୋଇଛି ଛୋଟ ଛୋଟ ଗ୍ରୀନ ହାଉସ୍, ଯାହାର ନାଁ ହେଉଛି 'ସେରେସ୍ ସେପାରିସ୍'। ଏହା ହେଉଛି କାଚର ଛୋଟ ଛୋଟ କୋଠରି, ଯାହା ମଧ୍ୟରେ କେବଳ ଦୁଇଜଣ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି କାଚଗୃହ ଭିତରୁ ବାହାର ଜଳର ଦୃଶ୍ୟ ଅବଲୋକନ କରିହୁଏ। ଏଠି ୱେଟର୍‌ମାନେ ଫେସ୍ ସିଲ୍ଡ ପିନ୍ଧିବା ସହ ଦୂରତା ରକ୍ଷା କରି ସତର୍କତାର ସହ ଖାଦ୍ୟ ପରଷି ଥାଆନ୍ତି।

**ସ୍କୁଲରେ କଡ଼ା ପଦକ୍ଷେପ:** ଡେନମାର୍କ ହେଉଛି ପ୍ରଥମ ୟୁରୋପୀୟ ଦେଶ, ଯେଉଁଠି ସ୍କୁଲ ଖୋଲା ଯାଇଛି। ନୂଆ ସଂକ୍ରମଣର ସଂଖ୍ୟା ହ୍ରାସ ପାଇବା ପରେ ଏଠାରେ ଡେ' କେୟାର ଓ ଗ୍ରେଡ ୧ରୁ ୫ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ ଖୋଲା ଯାଇଛି। ତେବେ ପିଲାଙ୍କ ଡେସ୍କକୁ ୬ ଫୁଟ୍ ଦୂରତା ବ୍ୟବଧାନରେ ରଖାଯାଇଛି। ଶ୍ରେଣୀଗୁଡିକୁ ଅନେକ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୧୫ରୁ ଅଧିକ ଛାତ୍ର ରଖାଯାଇ ନାହିଁ। ପିଲାଙ୍କ ହାତଧୁଆ, ପରିସ୍କାର ପରିଚ୍ଛନ୍ନତା ଉପରେ ବି ବିଶେଷ ଧ୍ୟାନ ଦିଆଯାଉଛି। ତାଇୱାନ୍‌ରେ ଅଫିସିଆଲି ସ୍କୁଲ ବନ୍ଦ ହୋଇ ନ ଥିଲା, କେବଳ ଶୀତଛୁଟିର ଅବଧି ବଢାଇ ଦିଆଯାଇଥିଲା। ଏବେ ସ୍ଥିତି ଟିକେ ସୁଧୁରିବା ପରେ ସ୍କୁଲ ଖୋଲାଯାଇଛି। ଟେମ୍ପରେଚର୍ ଚେକିଂ ସହ ଡେସ୍କକୁ ପ୍ଲାଷ୍ଟିକ ବୋର୍ଡରେ ପାର୍ଟିସନ୍ କରାଯାଇଛି। ତାସହ ଅନ୍ୟାନ୍ୟ ସୁରକ୍ଷା ପଦକ୍ଷେପ ବି ନିଆଯାଇଛି। ଚାଇନାର ବେଜିଂ, ସାଙ୍ଘାଇ, ଗୁଆଙ୍ଗଝୁରେ କେବଳ ହାଇସ୍କୁଲ ପିଲାଙ୍କ ପାଇଁ ସ୍କୁଲ ଖୋଲାଯାଇଛି। ଯେମିତିକି ସେମାନେ କଲେଜ ଏଣ୍ଟ୍ରାନ୍ସ ପରୀକ୍ଷା ପାଇଁ ପ୍ରସ୍ତୁତି କରିପାରିବେ। ତେବେ ପିଲାମାନେ ସ୍କୁଲ ପରିସରରେ ପ୍ରବେଶ ପୂର୍ବରୁ ସେମାନଙ୍କ ଶରୀରର ତାପମାତ୍ରା ଚେକ୍ କରାଯାଉଛି। ସ୍ମାର୍ଟ ଫୋନ୍ ହେଲ୍ଥ କୋଡ ପ୍ରୋଗ୍ରାମ ଦ୍ୱାରା ବି ସ୍ୱାସ୍ଥ୍ୟ ଚେକ୍ କରାଯାଉଛି।

**ଅଫିସରେ ଡେସ୍କର ଦୂରତା ୬ଫୁଟ୍:** ଆମଷ୍ଟରଡାମ୍‌ର ଅନ୍ତର୍ଜାତୀୟ ରିୟଲ ଇଷ୍ଟେଟ୍ କମ୍ପାନୀ କସ୍‌ମ୍ୟାନ୍ ଆଣ୍ଡ ୱେକଫିଲ୍ଡରେ ପ୍ରତ୍ୟେକ ଡେସ୍କ ମଧ୍ୟରେ ୬ ଫୁଟ୍ ଦୂରତା ରଖାଯାଇଛି। ସେମିତି ଜାପାନର ଏମ୍‌ୟୁଏଫ୍‌ଜି ବ୍ୟାଙ୍କର ହିଗାସିନାକାନୋ ଶାଖାରେ କର୍ମଚାରୀ ମାସ୍କ ପିନ୍ଧିବା ସହ କାଉଣ୍ଟରରେ ଲଗାଯାଇଛି ପ୍ଲାଷ୍ଟିକ୍ ପରଦା।

**ଗଳିରେ ହଳଦିଆ ଗାର:** ଡେନମାର୍କ, ଆଲବୋର୍ଗର ଗଳିକନ୍ଦିରେ ଥିବା ପାଦଚଲା ରାସ୍ତାର ମଝିରେ ହଳଦିଆ ଗାର ପକାଯାଇଛି। ଯେମିତିକି ସାମାଜିକ ଦୂରତା ରକ୍ଷା କରି ଲୋକେ ଚଲାବୁଲା କରିପାରିବେ।





–ଶିବାନୀ





# ମାମୁନିର ରଜ ଡ୍ରେସ୍

–ଗୀତାଞ୍ଜଳି ମହାରଣା

ରାତି ପାହିଲେ ରଜ। ସବୁରି ଘରେ ପିଠା ମିଠା ଖିରି ପୁରିରେ ଭାସିବ। ସବୁ ଝିଅ ଭଳିକି ଭଳି ନୂଆଡ୍ରେସ୍ ପିନ୍ଧି କେତେ ସଜେଇ ହେବେ। ମାମୁନିର ସବୁ ସାଙ୍ଗମାନଙ୍କର ଡ୍ରେସ୍ କିଣା ସରିଲାଣି। ସେ ଜିଦି ଧରି ବସିଛି ଆଜି ଯେମିତି ହେଲେ ତା' ପାଇଁ ଡ୍ରେସ୍‌ଟିଏ ଆଣିବ। କିଛି ନ ହେଲେ ପୋଡ଼ପିଠା ଖଣ୍ଡେ ତ କରିବା। ନ ହେଲେ ସବୁ ପିଲା ଖାଉଥିବେ ଆଉ ଆମଝିଅ କ'ଣ ଚାହିଁବ...ସନାକୁ ବୁଝେଇଲା ରମା। କିନ୍ତୁ ମୁଁ କ'ଣ କରିପାରିବି କହୁନୁ ? ? ଏ ପୋଡ଼ାମୁହାଁ ରୋଗ ତ ସବୁ ଖାଇଲା। କାମଧନ୍ଦା ସବୁ ବନ୍ଦ। ଯାହା ତ ସଞ୍ଚିଥିଲି ୨ମାସ ହେଲା ଚଳିଗଲା। ଏବେ ଖାଇବା କ'ଣ ବଞ୍ଚିବା କେମିତି ସେ କଥା ଭାବି...ରଜ ନା ଫଜ...ମନଦୁଃଖରେ ମୁଣ୍ଡ ତଳକୁ କରି କହିଲା ସନିଆ। ନାଇଁବା ଟିଭି କହୁଥିଲା ଏବେ ସବୁ କାମଦାମ ହୋଇପାରିବ। ତମେ ଟିକେ ବାହାରକୁ ଯାଉନ, କାଳେ କିଛି କାମ ମିଳିଯିବ...ହତାଶ ହୋଇ ବସିଥିବା ସ୍ୱାମୀକୁ ଆଶ୍ୱାସନା ଦେଲା ରମା। ହଉ ଦେଖିବା କହି ଠାକୁରଙ୍କୁ ମୁଣ୍ଡିଆଟେ ମାରି କାମ ଅନ୍ୱେଷଣରେ ବାହାରିପଡିଲା ସନା।

ବାଟରେ ଗଲାବେଳେ ମନେ ମନେ ଭାବୁଥାଏ କାଇଁ ଏ ଝିଅଟା ମୋ ଭଳି ଗୋଟେ ଗରିବ ଘରେ ଜନ୍ମ ହେଲା କେଜାଣି। ପୁଅଟେ ହୋଇଥିଲେ ଏତେ ଚିନ୍ତା ନ ଥାନ୍ତା। ବରଷକୁ ହଜାରେ ପର୍ବ ଏମାନଙ୍କର। ଆଜି କୁଆଁରପୂନେଇଁ କାଲି ରଜ...ଡ୍ରେସ୍ ଦରକାର। ପୁଅଟେ ହୋଇଥିଲେ କମ୍ ସେ କମ୍ ଏଥିରୁ ତ୍ରାହି ପାଇଥାନ୍ତା ମଣିଷ। ଝିଅ ଜନମ ପର ଘରକୁ...ବାଢୁଅ ବେଳେ ଏତେ ଖର୍ଚ୍ଚ କରିବ ପୁଣି ବାହାଘରକୁ ଯାନି ଯଉତୁକ...ଧେତ୍ ଖାଲି ଖର୍ଚ୍ଚ ଉପରେ ଖର୍ଚ୍ଚ। ପୁଅଟେ ହୋଇଥିଲେ କିଛି ନ ହୋଇଥିଲେ ଦି'ପଇସା ରୋଜଗାର କରି ବୁଢା ବୟସରେ ତ ସାହାରା ହୋଇଥାନ୍ତା। ଏମିତି ଭାବି ଯାଉ ଯାଉ ବାଟରେ କିଛି ଶ୍ରମିକ କ'ଣ କଥା ହେଉଥିବାର ଦେଖିଲା। ସେମାନଙ୍କ ସହ କଥା ହୋଇ କାମକୁ ଗଲା। ଭଗବାନଙ୍କୁ କୋଟି ଜୁହାର...କାମଟେ ମିଳିଗଲା। ଦୀର୍ଘନିଃଶ୍ୱାସଟେ ମାରି କାମରେ ଲାଗିପଡିଲା। ସନ୍ଧ୍ୟା ବେଳକୁ ପଇସାନେଇ ପାଖ ବଜାରକୁ ଗଲା ମାମୁନି ପାଇଁ ଡ୍ରେସ୍ ଆଣିବାକୁ। ହଠାତ କାହାର ଡାକରେ ତା' ପାଦ ଅଟକିଗଲା। ଧୀର ସ୍ୱର...କେହିଜଣେ ସାହାଯ୍ୟ ମାଗୁଛି। ଚାରିଆଡେ ବୁଲି ଚାହିଁଲା। ଦେଖିଲା ଆମ୍ବ ଗଛକୁ ଆଉଜି ବସିଛି ଜରାଜୀର୍ଣ୍ଣ ବୁଢ଼ାଟିଏ ଆଖି କୋରଡ଼ରେ ପଶିଯାଇଛି, ଚମ ଧୁଡୁଧୁଡୁ ଦେହରେ ଛିଣ୍ଡା କମଳଟେ ଘୋଡ଼େଇଛି ତଥାପି ଦେହ କମ୍ପି ଉଠୁଛି ପାଟି ଥରିଯାଉଛି...। ପାଖକୁ ଯାଇ ଦେଖିଲା ବୁଢ଼ାକୁ ପ୍ରବଳ ଜ୍ୱର...ଉଠିବାକୁ ବଳ ପାଉନି ...

ମଉସା ଦେହ ଭଲନାହିଁକି... ବାହାରକୁ କାଇଁ ଆସିଛ...ଚାଲ ମୁଁ ତମ ଘରେ ଛାଡ଼ିଦେବି...ସନ୍ଧ୍ୟା ହେଲାଣି...।

ବୁଢ଼ାର ହାତ ଧରି ଉଠେଇବାକୁ ଚେଷ୍ଟା କଲା ସନା। ଥରିଲା କଣ୍ଠରେ ବୁଢ଼ାକହିଲା ନା ବାପା ମୋର କେହିନାହାନ୍ତି। କେହି ନାହାନ୍ତି...ହେଲେ ମୁଁ କ'ଣ କରିବି....ଝିଅର ଡ୍ରେସ୍ କିଣିବା କଥା ଭାବି ଯିବାକୁ ପାଦ ବଢ଼େଇଲା ବେଳକୁ ବିବେକ ଯେମିତି ତାକୁ ପଛରୁ ଟାଣିଧରିଲା। ଥରେ ବୁଢ଼ା ମୁହଁକୁ ଚାହିଁ ଅଣ୍ଟାରେ ଖୋସିଥିବା ଟଙ୍କା ଗଣିଲା ସନା। ଦରଦୀ ହୃଦୟ ତା'ର ଅସହାୟର କଷ୍ଟରେ ଆକୁଳ ହୋଇଉଠିଲା...କଥାରେ ଅଛି ଦେଇଥିଲେ ପାଇ... ବୁଢ଼ାକୁ ନେଇ ସନା ଡାକ୍ତରଖାନା ଗଲା। ସେଠୁ ଔଷଧ କିଣି ଫେରିବା ବେଳକୁ ରାତି ନଅ। ବୁଢ଼ା ବି ଟିକେ ଦମ୍ଭ ଧରିଲାଣି। ଏବେ କୁଆଡେ ଯିବ ବୋଲି ପଚାରିବାରୁ ଆଖି ଯୁଆଡ଼େ ନବ ସିଆଡ଼େ ଯିବି ବୋଲି କହିଲା ବୁଢ଼ା। ପୁଣି ଆରମ୍ଭ କଲା ବୁଢ଼ା ତା' ଦରଦଭରା କାହାଣୀ...ବାପା ମୁଁ ଛୋଟିଆ ସରକାରୀ ଚାକିରିଟିଏ କରିଥିଲି। ସ୍ତ୍ରୀ ଆଉ ଗୋଟିଏ ବୋଲି ପୁଅକୁ ନେଇ ହସଖୁସୀର ସଂସାର। ପୁଅଟେ ବୋଲି ଭାରି ଗେହ୍ଲାରେ ବଢ଼େଇଥିଲି। ନିଜେ ନ ଖାଇ ଜମିବାଡି ବିକି ପାଠ ପଢ଼େଇଲି। ପୁଅ ବି ଚାକିରି କଲା। ଭାବିଲି ମୋ ଦୁଃଖ ଗଲା। ହେଲେ ଦୁଃଖ ଯେ ମୋର ଚିରସାଥି ଥିଲା ମୁଁ ବା ଜାଣିବି କେମିତି। ସବୁ ଠିକ୍ ଚାଲିଥିଲା। ପୁଅ ନିଜ ପସନ୍ଦର ଝିଅକୁ ବାହାହୋଇ ଘରକୁ ଆଣିଲା। ପୁଅର ଖୁସୀ ପାଇଁ ବୁଢ଼ାବୁଢ଼ୀ ଦୁହେଁ ଚୁପ୍ ରହିଲୁ। କିନ୍ତୁ ଦିନକୁ ଦିନ ବୋହୂର ଦୌରାତ୍ମ୍ୟ ବଢ଼ିଚାଲିଲା। ମୁଁ ବି ରିଟାର୍ଡ କରିସାରିଥାଏ। ଶାଶୁକୁ ଘରକାମରେ ଲଗାଇଲା। ମତେ ବଜାରକୁ ସଉଦା କିଣିବାକୁ ପଠାଇବ। ନିଜେ ମାଛ ମାଂସ ଖାଇ ଆମକୁ ପଖାଳ ଦେବ। ପୁଅ ସବୁ ଜାଣି ନୀରବ। ବୁଢ଼ୀର ଥଣ୍ଡା ଦେହ ଯୋଗୁଁ ପଖାଳ ତା' ଦେହରେ ଗଲାନି ବେମାର ପଡ଼ିଲା। ପୁଅକୁ ମେଡିକାଲ ନବାକୁ କହିଲାରୁ ସମୟ ନାହିଁ ବୋଲି କହି ଚାଲିଗଲା। ଦେହପୀଡାକୁ ମନପୀଡା...ଶେଷରେ ବୁଢ଼ୀ ଆଖି ବୁଜିଦେଲା। ମୋତେ ବି କେବେଠୁ ଘରୁ ବାହାର କରି ସାରନ୍ତେଣି ...ମୋ ପେନ୍‌ସନ୍‌ର ଲୋଭ ଯୋଗୁଁ ଦୁହେଁ ଚୁପ୍ ଥିଲେ। ତିନି ଦିନ ହେଲା ଜ୍ୱରରେ ପଡି କେହି ନ ଶୁଣିବାରୁ ଲୁଚି ପଳେଇ ଆସିଛି। ମୁଁ ଜାଣେ ଆଉ ବଞ୍ଚିବିନି...ସେ ନର୍କରେ ମରିବା ଅପେକ୍ଷା କୋଉଁ ଗଛତଳେ ମଲେ ମୋ ଆତ୍ମା ଶାନ୍ତିପାଇବ। ବୁଢ଼ାର କାହାଣୀ ସବୁ ସନା ଛାତିକୁ ଫୋଡି ପକଉଛି। କେତେ ନିଷ୍ଠୁର ଏ ମଣିଷ...ନିର୍ବାକ୍ ନିଶ୍ଚଳ ପରି ବସିରହିଛି ସନା... ରଜ ଆଉ ଝିଅର ଡ୍ରେସ୍ କଥା ସଂପୂର୍ଣ୍ଣ ଭୁଲିଯାଇଛି। ବୁଢ଼ା ଆଖିରୁ ବହିଆସୁଥିବା ଲୁହର ନଈକୁ ରୋକିବାକୁ ଚେଷ୍ଟା କରିଛି ତା' ମଇଳା ଝାଳଲଗା ଗାମୁଛାରେ। ବୁଢ଼ା ହାତକୁ ଜୋର୍‌ରେ ଚାପି ଧରି କହିଲା ନାଇଁ ମଉସା ସେ ପୁଅ ସିନା ଚାହିଁଲାନି ଏ ପୁଅ ପରା ଅଛି। ଆଜିଠାରୁ ତମେ ମୋ ପାଖେ ରହିବ। ରାତି ଢେର୍ ହେଲାଣି ଚାଲ ଘରକୁ ଯିବା।

ବାପାଙ୍କୁ ଅନେଇ ଅନେଇ ମାମୁନି ଶୋଇପଡିଛି କେତେବେଳୁ। ଦୁଆର ମୁହଁରେ ଚାହିଁ ବସିଛି ରମା। ରମାକୁ ସବୁ କଥା କହିଲା ସନା। ରମା କହିଲା ଭଲ କରିଛ ତମେ... ଆଜିଠାରୁ ଇଏ ମାମୁନିର ଜେଜେ। ଦେଖିବ ସେ ବହୁତ ଖୁସୀ ହୋଇଯିବ।

ସକାଳୁ ମାମୁନି ନୂଆ ଜେଜେଙ୍କୁ ପାଇ ବହୁତ ଖୁସୀ। ନିଜ ଜେଜେଙ୍କୁ ଦେଖିନି। ସାଙ୍ଗମାନଙ୍କଠୁ ଶୁଣିଛି ଜେଜେ କୋଉଠି ଭଲ ସାଙ୍ଗ। ଗପ କହନ୍ତି ସାଙ୍ଗରେ ଖେଳନ୍ତି। ଟ୍ରଙ୍କରୁ କାଢି ବୋଉ ଗୋଟେ ପୁରୁଣା ଡ୍ରେସ୍ ପିନ୍ଧିବାକୁ ଦେଇଛି। ଟିକେ ବି ମନଦୁଃଖ ନାହିଁ ତା'ର...ସେ ତ ନୂଆ ଜେଜେ ପାଇଛି...ଜେଜେଙ୍କ ସହ ଦୋଳିଖେଳରେ ମଜ୍ଜିଯାଇଥିବା ମାମୁନିକୁ ଦେଖି ସନା ଆଉ ରମା ଆଖିରେ ଲୁହ ଆସିଯାଇଛି...ଝିଅକୁ ମୁଣ୍ଡର ବୋଝ ଭାବୁଥିବା ସନା ଏବେ ପୂରା ହାଲକା...ଭଗବାନଙ୍କୁ ଦୋଷ ଦଉଥିବା ମନ ଏବେ ଝିଅକୁ ପାଇ ଖୁସୀରେ ନାଚିଉଠୁଛି...।

–ଗୁଣ୍ଡିଚା ବିହାର, ପୁରୀ



## ହଳେ ଆଖି

ହଳେ ଆଖି
ଚାହିଁ ରହି ଅଛି
ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ
କାହିଁ କେଉଁ ଆଦିମ ଯୁଗରୁ.... ।
ଭକତର ଭକତିରେ
ଚଳେଇ ନେଉଛି
ପାଦ ସବୁକୁ
ନୀଳାଦ୍ରିରୁ ନୀଳ ଆକାଶକୁ... ॥

–ବିଚିତ୍ରାନନ୍ଦ ଜେନା
ସେଣ୍ଡତୀରା, ବନ୍ତ, ଭଦ୍ରକ

## ଅଭିମାନ

..............
କେବେ ବି ମାଗିନି ପ୍ରେମିକାକୁ
ନିବିଡ଼ ଆଶ୍ଲେଷ
ଈଶ୍ୱରଙ୍କୁ ବୈଭବ,ଐଶ୍ୱର୍ଯ୍ୟ
କେବଳ ମାଗିଛି
ନିଜ ଭିତରେ ଆତଯାତ
ଧାପେ ପବନକୁ
ନୀରବି ଯିବା ପୂର୍ବର
ସୁଖଦ ମୁହୂର୍ତ୍ତ...।

–ଶରତ କୁମାର ଦାସ
ବ୍ରହ୍ମପୁର



# ଆଲିୟାଙ୍କ ୱାର୍କଆଉଟ୍

ଆଲିୟା ଭଟ୍ଟ ଏବେ କ'ଣ କରୁଛନ୍ତି ? ଲକ୍‌ଡାଉନ୍ ପାଇଁ ଘରେ ରହିବାକୁ ପଡୁଛି, ତେଣୁ ବସିବାଠାରୁ କାଶିବା ଭଲ ପରି ସେ କେତୋଟି କାମରେ ନିଜକୁ ନିୟୋଜିତ ରଖିଛନ୍ତି। ପ୍ରଥମେ ମନ ପସନ୍ଦର ଖାଦ୍ୟ ନିଜେ ରୋଷେଇ କରି ଖାଉଛନ୍ତି। ତା'ସହ ନିଜର ଫିଟ୍‌ନେସ ପ୍ରତି ସେ କେତେ ସଚେତନ ତାହା ନିକଟରେ ଦେଖିବାକୁ ମିଳିଛି। ସକାଳୁ ନିଜ ବାଲକୋନିରେ ଠିଆ ହୋଇ ସୂର୍ଯ୍ୟଙ୍କୁ ଚାହିଁ ସେ ସୂର୍ଯ୍ୟ ନମସ୍କାର କରୁଥିବାର ଫଟୋ ଏବେ ଭାଇରାଲ ହୋଇଛି। ଏ ନେଇ ଆଲିୟା କହନ୍ତି, ''ସୂର୍ଯ୍ୟ ନମସ୍କାର ଏକ ଭଲ ଏକ୍ସରସାଇଜ୍। ମୁଁ ପ୍ରତିଦିନ ୱାର୍କ ଆଉଟ୍ ପରେ କିଛି ସମୟ ଯୋଗ-ପ୍ରାଣାୟମ କରୁଛି, ତା'ସହ ସୂର୍ଯ୍ୟ ନମସ୍କାରକୁ ନିଜ ଡେଲି ରୁଟିନ୍‌ରେ ସାମିଲ କରିଛି। କେବଳ ସେତିକି ନୁହେଁ, ମୋର କେତେଜଣ ସାଙ୍ଗଙ୍କୁ ଏ ନେଇ କହିବା ପରେ ସେମାନେ ଏହାକୁ ପ୍ରାକ୍ଟିସ କରିବା ଆରମ୍ଭ କରିଦେଇଛନ୍ତି।'' ଆଲିୟାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ଥିଲା 'କଲଙ୍କ'। ବର୍ତ୍ତମାନ ସେ ଅଭିନୟ କରିଥିବା ଦୁଇଟି ସିନେମା-'ବ୍ରହ୍ମାସ୍ତ୍ର' ଏବଂ 'ସଡକ୍-୨' ରିଲିଜ୍ ଅପେକ୍ଷାରେ ରହିଛି।

# ଦିନେ ୱେଟର ଥିଲେ ଅକ୍ଷୟ



ବଲିଉଡ୍‌ରେ ଅକ୍ଷୟ କୁମାର ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ହେଲେ ଏମିତି ସମୟ ଥିଲା ତାଙ୍କୁ ଦି' ପଇସା ରୋଜଗାର କରିବାକୁ ହୋଟେଲରେ କାମ କରିବାକୁ ପଡିଥିଲା। ବ୍ୟାଙ୍କକ୍‌ର ମେଟ୍ରୋ ଗେଷ୍ଟ ହାଉସ୍‌ରେ ସେ ଜଣେ ସେଫ୍ ବ୍ୟତୀତ ୱେଟର କାମ କରିଥିଲେ। ୧୯୯୧ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ପ୍ରଥମ ସିନେମା 'ସୌଗନ୍ଧ' ତାଙ୍କ ଭାଗ୍ୟ ଖୋଲି ଦେଇଥିଲା। ଆଉ ଏବେ ସେ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ପରିଚିତ କରାଇ ପାରିଛନ୍ତି। ଯେ କୌଣସି କାମ ହେଉ ଅକ୍ଷୟ ବେଶ୍ ପଙ୍କଚୁଆଲ୍। ଭୋର ପାଞ୍ଚଟାରେ ସେ ପ୍ରତିଦିନ ଉଠନ୍ତି। ତାଙ୍କର ଦୈନନ୍ଦିନ କାର୍ଯ୍ୟସମୟ ହେଉଛି ସକାଳ ୭ରୁ ସନ୍ଧ୍ୟା ୭। ଏପରିକି ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରେସମିଟ୍ କିମ୍ବା ଆଲୋଚନା ଥାଏ ତେବେ ସେ ସକାଳ ୬ଟାରେ ହିଁ ସେଥିପାଇଁ ସମୟ ଦେଇଥାଆନ୍ତି। ଏ ସମ୍ପର୍କରେ ଅକ୍ଷୟ କହନ୍ତି, ''ମୋ ଡେଲି ରୁଟିନ୍‌କୁ ନେଇ ମୁଁ ବେଶ୍ ସଚେତନ। ଭୋର ୫ଟାରେ ଉଠିବା ଏବଂ କାମଗୁଡିକୁ ଠିକ୍ ସମୟରେ କରିବା ମୋର ଏକ ଅଭ୍ୟାସ। ରାତି ୭ଟାରେ ହିଁ ମୁଁ ଡିନର ଶେଷ କରେ।''



ଆଲିୟା

# ଚିତ୍ରକର ସଲମାନ୍

ସଲମାନ ଖାଁ ଜଣେ ଭଲ ଚିତ୍ରକର-ଏକଥାକୁ ହୁଏତ ଅନେକେ ଜାଣି ନ ଥିବେ। ଥରେ ସେ ନିଜ ଅଭିନୀତ 'ଜୟ ହୋ' ଫିଲ୍ମର ପୋଷ୍ଟର ପେଣ୍ଟିଂ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ଏପରି କି ଏହାକୁ ଦେଖି ଆମୀର ତାଙ୍କୁ କେତୋଟି ପେଣ୍ଟିଂ ଆଙ୍କିବାକୁ କହିଥିଲେ। ଆଉ ଏବେ ସେହି ପେଣ୍ଟିଂଗୁଡିକୁ ଆମୀର ନିଜ ଘରେ ସଜାଇ ରଖିଛନ୍ତି। ସଲମାନଙ୍କର ନିଜର ମେଲ୍ ଆଇ-ଡି ନାହିଁ। ସେ କୌଣସି ବ୍ୟକ୍ତିଙ୍କୁ ସାମ୍‌ନା ସାମ୍‌ନି କିମ୍ବା ଫୋନ୍‌ରେ କଥା ହେବାକୁ ପସନ୍ଦ କରିଥାଆନ୍ତି। ସଲମାନ କଦାପି ମୁଭି ରିଭ୍ୟୁ ପଢ଼ି ନ ଥାନ୍ତି। ନାୟକ ଭାବରେ ତାଙ୍କର ପ୍ରଥମ ସିନେମା ଥିଲା ସୁରଜ ବରଜ୍ୟାତାଙ୍କ 'ମୈନେ ପ୍ୟାର୍ କିୟା'। ଫିଲ୍ମଟି ସୁପରହିଟ୍ ହୋଇଥିଲା। ହେଲେ ଏହାପରେ ସଲମାନ୍ ପାଖାପାଖି ଛଅ ମାସ ଘରେ ବସି ରହିଥିଲେ କାରଣ ତାଙ୍କୁ କୌଣସି ଅଫର ମିଳି ନ ଥିଲା।



ସଲମାନ

# ଅଡୁଆ କରୁଛି ରେମ୍ୟୁନରେଶନ

ଜାହ୍ନବୀ କପୁର ଏବେ ଦୋଛକିରେ ପଡିଯାଇଛନ୍ତି। ଗୋଟିଏ ପଟେ କାହାଣୀ ଏବଂ ଭୂମିକା ତାଙ୍କର ସିନା ପସନ୍ଦ ହୋଇଛି, ହେଲେ ରେମ୍ୟୁନରେଶନକୁ ନେଇ ଫାଇନାଲ ହୋଇପାରୁନାହିଁ। ଲକ୍‌ଡାଉନ୍ ସମୟରେ ତାଙ୍କୁ ଏକ ଅନଟାଇଟଲଡ୍ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। କାହାଣୀ ଏବଂ ନିଜ ଭୂମିକା ବିଷୟରେ ଶୁଣିବା ପରେ ସେ ସେଥିରେ ଅଭିନୟ କରିବାକୁ ସମ୍ମତି ଜଣାଇଥିଲେ। ହେଲେ ଯେତେବେଳେ ରେମ୍ୟୁନରେଶନ କଥା ପଡିଲା, ସେତେବେଳେ ସଂପୃକ୍ତ ପ୍ରଯୋଜକଙ୍କ ଆଖି ଖୋସି ହୋଇଯାଇଥିଲା। କାରଣ ସେହି ଫିଲ୍ମ ପାଇଁ ଜାହ୍ନବୀ ଯେତେ କି ପାରିଶ୍ରମିକ ଡିମାଣ୍ଡ କରିଥିଲେ ତାହା ତାଙ୍କର ପୂର୍ବ ପାରିଶ୍ରମିକର ପାଖାପାଖି ଦୁଇଗୁଣା ଥିଲା। ତେବେ ଏ ନେଇ ପୁଣି ଥରେ ଚିନ୍ତା କରିବାକୁ ପ୍ରଯୋଜକ ଜାହ୍ନବୀକୁ କହିଛନ୍ତି। ସେପଟେ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ତାଙ୍କୁ ଦୁଇ ସପ୍ତାହ ଲାଗିଯାଇପାରେ ବୋଲି ସୂଚନା ଦେଇଛନ୍ତି ଜାହ୍ନବୀ।



ଜାହ୍ନବୀ



ବିଏମ୍ ବୈଶାଳୀ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଏମିତି ଖାଦ୍ୟ

ସବୁଦିନ ଅନ୍ୟକୁ ଖାଦ୍ୟ ମାଗି ମାଗି ଖାଇ ଜଣେ ଭିକାରି ବିରକ୍ତ ହୋଇଗଲେ। ଆଉ ଠାକୁରଙ୍କୁ ଧ୍ୟାନ କରିବାକୁ ଲାଗିଲେ। ଠାକୁର ପ୍ରସନ୍ନ ହୋଇ– କ'ଣ ମାଗୁଛୁ ମାଗେ।
ଭିକାରି– ମତେ ଏମିତି ଖାଦ୍ୟ ଦିଅନ୍ତୁ, ଯାହାକୁ ଖାଇଲେ ଜମା ସରିବନି।
ଠାକୁର– ଏଇ ନିଅ 'ଚୁଇଂ ଗମ୍'।

## ଉଧାରି

ଭିକାରି ଜଣେ ବ୍ୟବସାୟୀଙ୍କୁ– ଭଗବାନଙ୍କ ନାଁରେ କିଛି ଦେଇଦିଅ ବାବା।
ବ୍ୟବସାୟୀ– ଦୋକାନ ଖୋଲିନି। କାଲି ଆସ ଦେବି।
ଭିକାରି– ମୋ ଧନ୍ଦାରେ ଉଧାରି ଚଳେନି ବାବୁ।

## ବିଏମ୍‌ଡବ୍ଲୁ

ପ୍ରଥମ ଭିକାରି ଦ୍ୱିତୀୟ ଭିକାରିକୁ– ଯଦି ତୋର ୧ କୋଟି ଟଙ୍କାର ଲଟେରି ଲାଗିଯିବ, ତା'ହେଲେ କ'ଣ କରିବୁ ?
ଦ୍ୱିତୀୟ ଭିକାରି– ବିଏମ୍‌ଡବ୍ଲୁରେ ଭିକ ମାଗିବାକୁ ଆସିବି।



# ଆସ ହସିବା





ହସ ମଣିଷର ସହଜାତ। ଜନ୍ମ ହେଉ ହେଉ ଶିଶୁଟି କାନ୍ଦେ ଏବଂ ହସେ। ତେଣୁ ହସିବା ପାଇଁ କେହି କାହାକୁ ଶିଖାଏ ନାହିଁ କି କାହାଠାରୁ ତାଲିମ୍ ନେବାର ଆବଶ୍ୟକତା ପଡ଼େନାହିଁ। କଥାରେ କହନ୍ତି, ଏଇ ହସରେ ଅଛି ଅମୃତ। ପୁଣି ଏହି ହସରେ ଅଛି ବିଷ। ହସିଦେଲେ ଶତ୍ରୁ ମିତ୍ରରେ ପରିଣତ ହୋଇଯାଏ। ହସ ବି ପ୍ରକାରାନ୍ତରେ ଶତ୍ରୁ ତିଆରିରେ ସାହାଯ୍ୟ କରେ। ଏ ଜଗତରେ ସମସ୍ତେ ହସନ୍ତି। ବିଜ୍ଞାନ କହେ, ଏହି ହସିବା ପଛରେ ବି ରହିଛି ଶାରୀରିକ ସୁସ୍ଥତାର ସଫଳ ସୂତ୍ର।

**ସ୍ୱାସ୍ଥ୍ୟ ପକ୍ଷେ ହିତକର:** ହସିବା ସ୍ୱାସ୍ଥ୍ୟପକ୍ଷେ ହିତକର। ଏକଥା ଭେଷଜ ବିଜ୍ଞାନର ଗବେଷକମାନେ ପ୍ରମାଣିତ କରିଛନ୍ତି। ହସିବା ଦ୍ୱାରା ଶରୀରରେ ଏକ ବିଶେଷ ଧରଣର ଶକ୍ତି ସୃଷ୍ଟି ହୋଇଥାଏ। ଏହା ଫଳରେ ହସୁଥିବା ବ୍ୟକ୍ତି ଭିତରୁ ନକାରାତ୍ମକ ଭାବନା ଦୂର ହୋଇଯାଏ। ବ୍ୟକ୍ତି ଭିତରେ ଯେଉଁ ମାନସିକ ଚାପ ରହିଥାଏ ତାହା ତୁରନ୍ତ ନଷ୍ଟ ହୋଇଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହା ରକ୍ତଚାପକୁ ସନ୍ତୁଳିତ କରେ। ବିଶେଷକରି ଉଚ୍ଚ ରକ୍ତଚାପ ଲକ୍ଷଣ ଥିବା ବ୍ୟକ୍ତିମାନେ ପ୍ରତ୍ୟେକ ଦିନ କିଛି ସମୟ ମନଖୋଲା ହସ ହସିବା ଉଚିତ। ନ ହେଲେ ହସହସ ପରିବେଶରେ ନିଜକୁ ରଖିବା ଉଚିତ। କାରଣ ଏହାଦ୍ୱାରା ସେମାନଙ୍କର ରକ୍ତଚାପ ହ୍ରାସ ପାଇଥାଏ। ୨୦୧୫ରେ ହୋଇଥିବା ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ହସୁଥିବା ମଣିଷଙ୍କର ରୋଗ ପ୍ରତିରୋଧକ ଶକ୍ତି ଅନ୍ୟମାନଙ୍କଠାରୁ ଅଧିକ।

**ହସ ହେଉଛି ସଂକ୍ରାମକ:** ଏକଥା କୁହାଯାଏ, ଯଦି ଜଣେ ଖରାପ ସମୟ ଦେଇ ଗତି କରୁଛି ତା'ହେଲେ ତାକୁ ହସରେ ସ୍ୱାଗତ କର। ଏମିତି କହିବାର କାରଣ ହସ ଏମିତି ଏକ ତତ୍ତ୍ୱ ଯାହା ସବୁବେଳେ ସଂକ୍ରାମକ। ଅର୍ଥାତ୍, ଜଣକ ଓଠରେ ହସ ଦେଖିଲେ ଆଉ ଜଣେ ହସିବା ପାଇଁ ବାଧ୍ୟ। କାରଣ ତାହା ସ୍ୱତଃପ୍ରବୃତ୍ତ ଭାବରେ ହୃଦୟରୁ ବାହାରି ଆସିଥାଏ। ଏହାର ମଧ୍ୟ ବୈଜ୍ଞାନିକ କାରଣ ରହିଛି। ଯେତେବେଳେ ଜଣେ ଅନ୍ୟ ଜଣକର ହସ ଦେଖେ ସେତେବେଳେ ତାହାର ମସ୍ତିଷ୍କରେ ଥିବା 'ଅର୍ବିଟୋଫ୍ରଣ୍ଟାଲ୍ କର୍ଟେକ୍ସ'ଟି ସକ୍ରିୟ ହୋଇଉଠେ। ଫଳରେ ସେ ମଧ୍ୟ ହସିବାକୁ ବାଧ୍ୟ ହୁଏ। ସେଥିପାଇଁ କୁହାଯାଏ ଯେ, ଜଣକର ହସ ଅନ୍ୟଜଣକୁ ସଂକ୍ରମିତ ହୋଇଗଲା।

**ଜୀବନ ରେଖା ବଢ଼ାଏ ହସ:** ସବୁବେଳେ ହସହସ ରହୁଥିବା ଲୋକମାନେ ଦୀର୍ଘଜୀବୀ। ହାର୍ଭାର୍ଡ ମେଡିକାଲ ସ୍କୁଲ୍ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରୁ ଏକଥା ଜାଣିବାକୁ ମିଳିଛି। ୬୦ରୁ ଉର୍ଦ୍ଧ୍ୱ ବୟସର ପ୍ରାୟ ୭୦ ହଜାର ଲୋକଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ଗବେଷଣାରେ ସେମାନଙ୍କର ସ୍ୱାସ୍ଥ୍ୟଗତ ବିଭାଗଟିକୁ ପ୍ରାଧାନ୍ୟ ଦିଆଯାଇଥିଲା। ଦେଖାଯାଇଥିଲା ଯେ, ଯେଉଁମାନେ ହସହସ ରହନ୍ତି, ଖୁସିରେ ଦିନ କାଟନ୍ତି ସେମାନଙ୍କର ହାର୍ଟ, ଲଙ୍ଗ୍ସ ଆଦି ଖୁବ୍ ସକ୍ରିୟ। ସେମାନଙ୍କ ଶରୀରକୁ ରୋଗ ଆକ୍ରମଣ କରିବାର ସମ୍ଭବନା କମ୍। ସେହିଭଳି ବୟସ ଷାଠିଏରୁ ଅଧିକ ଟପି ସାରିଥିଲେ ମଧ୍ୟ ବୃଦ୍ଧାବସ୍ଥା ବା ଓଲ୍ଡଏଜ୍ର ଲକ୍ଷଣ ନାହିଁ। ମାତ୍ର ଯେଉଁମାନେ ଗମ୍ଭୀର ମାନସିକତା ସମ୍ପନ୍ନ ସେମାନଙ୍କ ହାର୍ଟ, ଲଙ୍ଗ୍ସ ଆଦି ଅପେକ୍ଷାକୃତ ଦୁର୍ବଳ। ରକ୍ତଚାପ ଅସନ୍ତୁଳିତ। ସେମାନଙ୍କଠାରେ ବୃଦ୍ଧାବସ୍ଥାର ଲକ୍ଷଣ ବେଶ୍ ସ୍ପଷ୍ଟ। ଗବେଷକମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ, ହସିବା ଦ୍ୱାରା ମଣିଷର ସ୍ୱାଭାବିକ ଜୀବନ ରେଖା ମଧ୍ୟ ବୃଦ୍ଧି ପାଇପାରିଥାଏ।

**ପଶୁପକ୍ଷୀ ବି ହସନ୍ତି :** ହସ ଉପରେ କେବଳ ଯେ ମଣିଷର ଅଧିକାର ତାହା ନୁହେଁ, ପଶୁପକ୍ଷୀ ମଧ୍ୟ ହସନ୍ତି। ସେତିକି ନୁହେଁ, ଗଛ ପତ୍ର ଫୁଲ ବି ହସନ୍ତି। ଚଢ଼େଇଟିଏ କିଚିରିମିଚିରି କରେ। ମାଙ୍କଡ଼ ଖିଙ୍କାରେ। କୁଆ କା କା କରେ। ଆମ ମଣିଷମାନଙ୍କ ପାଇଁ ଏହା ବିରକ୍ତିକର ଶବ୍ଦ। ମାତ୍ର ଗବେଷକମାନେ କହିଛନ୍ତି ଯେ, ଏହା ହେଉଛି ସେମାନଙ୍କର ଭାବକୁ ପ୍ରକାଶ କରିବାର ଏକ ମାଧ୍ୟମ। ଏହି ମାଧ୍ୟମ ଜରିଆରେ ସେମାନେ ନିଜ ଭିତରର କ୍ଷୋଭ ତଥା ବିଦ୍ରୋହ ଆଦିକୁ ପ୍ରକାଶ କରିଥାନ୍ତି। ସେହିଭଳି ଏହି ଶବ୍ଦକରି ସେମାନେ ନିଜର ସାଥୀଙ୍କୁ ମଧ୍ୟ ଆମନ୍ତ୍ରଣ କରିଥାନ୍ତି। ଗବେଷକଙ୍କ ମତରେ ଅବଶ୍ୟ ସେମାନଙ୍କର ହସକୁ ଆମେ ମଣିଷମାନଙ୍କର ହସ ସହିତ ତୁଳନା କରିପାରିବା ନାହିଁ। ମାତ୍ର ଓଠକୁ ଦାନ୍ତ ଉପରକୁ ଉଠାଇ ସେମାନେ ଯେଉଁ ସଂକେତ ପ୍ରଦାନ କରନ୍ତି ସେହି ବଡ଼ି ଲାଙ୍ଗୁଏଜ୍କୁ ସେମାନଙ୍କର ହସ ବୋଲି ଧରି ନେବାରେ କୌଣସି ଅସୁବିଧା ନାହିଁ।

**୧୯ ପ୍ରକାର ହସ :** ଗବେଷକମାନଙ୍କ ମତରେ ହସ ଗୋଟିଏ କି ଦୁଇ ପ୍ରକାରର ନୁହେଁ, ୧୯ ପ୍ରକାରର। ତେବେ ମୋଟାମୋଟି ଭାବରେ ହସକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଶାଳୀନ ହସ ଏବଂ ଅନ୍ୟଟି ସାମାଜିକ ହସ। ଶାଳୀନ ହସ ବ୍ୟକ୍ତିତ୍ୱ ନିରୂପଣ କରୁଥିବା ବେଳେ ସାମାଜିକ ହସରେ ସାମାଜିକ ସମ୍ପର୍କ ସ୍ଥାପିତ ହୋଇଥାଏ। ସେମାନଙ୍କ କହିବା ଅନୁଯାୟୀ, ବାପାଙ୍କୁ ଦେଖି ଜଣେ ଯେଉଁଭଳି ହସିବ ଅଫିସ୍ର ବସ୍ଙ୍କୁ ଦେଖି ସେଭଳି ହସିବ ନାହିଁ। ଅନ୍ୟ ହସଗୁଡ଼ିକ ମଧ୍ୟରେ ରହିଛି ଲାଜମିଶା ହସ, ମନଖୋଲା ହସ, କ୍ରୋଧଭରା ହସ(ଅଟ୍ଟହାସ୍ୟ), ତାଚ୍ଛଲ୍ୟଭରା ହସ (ଉପହାସ) ଇତ୍ୟାଦି।





# ଚଢେଇର ବାଓ୍ୱଲ କଟ୍ ହେୟାର୍

ଗ୍ଲଷ୍ଟର କାନାରୀ ଏକ କୁନି ସୁନ୍ଦର ଚଢେଇ। ତେବେ ଏହାର ଏମିତି ଏକ ବିଶେଷତ୍ୱ ରହିଛି, ଯାହା ତାକୁ ସ୍ୱତନ୍ତ୍ର କରାଏ। ଆଉ ତାହା ହେଉଛି ତାର କୁନି ମୁଣ୍ଡ। ଏହି କୁନି ମୁଣ୍ଡରେ ଦେଖିବାକୁ ମିଳେ ଏକ କୁଲ ହେୟାର୍ ଷ୍ଟାଇଲ, ଯାହାକୁ ଅନେକେ 'ବାଓ୍ୱଲ କଟ୍' କହନ୍ତି। କେହି କେହି ଏହାକୁ 'ବିଟଲ୍‌ସ ହେୟାର୍ କଟ୍' ବି କହନ୍ତି। ଏହି ହେୟାର ଷ୍ଟାଇଲରେ କୁନି ଚଢେଇଟି ଭାରି ଆକର୍ଷକ ଲାଗେ। ଉକ୍ତ ଚଢେଇର ଉତ୍ପତ୍ତି କାନାରୀ ଆଇଲାଣ୍ଡରୁ ହୋଇଛି। ଏମାନେ ଶୁଆଙ୍କ ଭଳି ମଣିଷଙ୍କ ସହ ଏତେଟା ମିଶିପାରନ୍ତି ନାହିଁ। ଏମାନେ ମଣିଷଙ୍କ ହସ୍ତକ୍ଷେପକୁ ବେଶି ପସନ୍ଦ କରନ୍ତି ନାହିଁ। ହେଲେ ଏମାନଙ୍କର କଣ୍ଠ ବହୁତ ମଧୁର। ଏମାନେ ଦୁଇ ପ୍ରକାରର। ଆଉ ସବୁ ଗ୍ଲଷ୍ଟର କାନାରୀ ଚଢେଇଙ୍କର ଏଭଳି ହେୟାର୍ ଷ୍ଟାଇଲ୍ ନ ଥାଏ।











## କାର୍ଟୁନ କର୍ନର

